# OFFICE OF THE NOTIFIED AREA COUNCIL

**DASPALLA, NAYAGARH**

PHONE NO.0675-7220005, E-MAIL ID:-nacdaspalla@gmail.com

ପତ୍ର ସଂଖ୍ୟା . ୨।୦୪ ତାରିଖ: ୪.୮.23

## ଅଭିବ୍ୟକ୍ତ ପ୍ରକାଶନ

ଏତଦ ଦ୍ୱାରା ବିଜ୍ଞାପିତ ଅଞ୍ଚଳ ପରିଷଦ, ଦଶପଲ୍ଲା ର ସମସ୍ତ ୧୬ ଗୋଟି ୱାର୍ଡ ର ମିଶନ ଶକ୍ତି ଗୋଷ୍ଠୀ/ବସ୍ତି ବାସିନ୍ଦା ସଙ୍ଗଠନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମୁକ୍ତା ଯୋଜନା ମାଧମରେ ଆର୍ଥିକବର୍ଷ ୨୦୨୩-୨୦୨୪ ନିମନ୍ତେ ୱାର୍ଡ ମାନଙ୍କରେ ହେବାକୁ ଥିବା ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ଗୁଡିକର ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ ସଂସ୍ଥା ଓ କାର୍ଯ୍ୟକାରୀ ସହଯୋଗୀ ଭାବେ ଚୟନ କରିବା ପାଇଁ ମିଶନ ଶକ୍ତି ଗୋଷ୍ଠୀ/ବସ୍ତି ବାସିନ୍ଦା ସଙ୍ଗଠନ ମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରୁଅଛି । ଏଣୁ, ଏଥି ନିମନ୍ତେ ଆଗ୍ରହୀ ମିଶନ ଶକ୍ତି ଗୋଷ୍ଠୀ/ବସ୍ତି ବାସିନ୍ଦା ସଙ୍ଗଠନ ମାନେ ଆବଶ୍ୟକୀୟ କାଗଜପତ୍ର/ଦସ୍ତାବିଜ ସହ ତା **୧୬/୦୮/୨୦୨୩ ରିଖ ଅପରାହ୍ନ ୫ ଟା ସୁଦ୍ଧା କେବଳ ସ୍ପୀଡ ପୋଷ୍ଟ/ରେଜିଷ୍ଟ୍ରି ପୋଷ୍ଟ କିମ୍ବା କୋରିୟର ଦ୍ୱାରା ଆବେଦନ କରିପାରିବେ ।** ଧାର୍ଯ୍ୟ ସମୟ ପରେ କୌଣସି ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ ଏବଂ ଆସନ୍ତା ତା ୧୭/୦୮/୨୦୨୩ ରିଖ ୧୨.୦୦ ଘଟିକା ସମୟରେ ମିଶନ ଶକ୍ତି ଗୋଷ୍ଠୀ/ବସ୍ତି ବାସିନ୍ଦା ସଙ୍ଗଠନ କିମ୍ବା ସେମାନଙ୍କ ପ୍ରତିନିଧି ଙ୍କ ଉପସ୍ଥିତି ରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ରେ ଖୋଲାଯିବା ପାଇଁ ସ୍ଥିର କରାଯାଇଅଛି । ଆଗ୍ରହୀ ମିଶନ ଶକ୍ତି ଗୋଷ୍ଠୀ/ବସ୍ତି ବାସିନ୍ଦା ସଙ୍ଗଠନ ଏହି ଅଭିବ୍ୟକ୍ତ ପ୍ରକାଶନ ସହ ଜଡିତ ଆବେଦନ ପତ୍ର ଦଶପଲ୍ଲା ୱେବସାଇଟ www.daspallanac.in ରୁ ମଧ ଡାଉନଲୋଡ କରିପାରିବେ । ଲଫାଫା ର ଉପରେ "ମୁକ୍ତା ଯୋଜନା ଦ୍ୱାରା ସହରର ରୂପାନ୍ତରିକରଣ – ୨୦୨୩" ଲେଖାଥିବା ଆବଶ୍ୟକ । ଅଧିକ ଜାଣିବା ପାଇଁ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ଦଶପଲ୍ଲା ସହ ଯୋଗାଯୋଗ କରିପାରନ୍ତି ।

## ମିଶନ ଶକ୍ତି ଗୋଷ୍ଠୀ ର ଯୋଗ୍ୟତା ପରିମାପକ ମାନଦଣ୍ଡ

୧ - ଆବେଦନ କରୁଥିବା ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ସମ୍ପୃକ୍ତ ୱାର୍ଡର ହୋଇଥିବେ ।

୨ - ପଞ୍ଚ ସୂତ୍ର ନିୟମକୁ ଅନୁପାଳନ କରୁଥିବେ ( ନିୟମିତ ବୈଠକ , ନିୟମିତ ସଞ୍ଚୟ , ନିୟମିତ ଗୋଷ୍ଠୀ ମଧରେ ଋଣ କାରବାର , ନିୟମିତ ପରିଶୋଧ , ନିୟମିତ ହିସାବ ରଖିବା ଇତ୍ୟାଦି ) ।

୩ - ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ପରମାନେଣ୍ଟ ଏକାଉଣ୍ଟ ( ପାନ ନମ୍ବର ) ଥିବ ।

୪ - ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ସକ୍ରିୟ ଜମାଖାତା ଥିବ ।

୫ - କୌଣସି ଆର୍ଥିକ ଅନିୟମିତତା ଯଥା ଋଣ , ଏନ . ପି . ଏ କିମ୍ବା ୱାନ ଟାଇମ ସେଟେଲମେଣ୍ଟ ଘୋଷିତ ହୋଇନଥିବ ।

୬ - ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଚଳିତ ଆର୍ଥିକ ବର୍ଷରେ ୪୦ ଲକ୍ଷରୁ ଅଧିକ ଅର୍ଥର କାର୍ଯ୍ୟାଦେଶ ପ୍ରାପ୍ତ କରିନଥିବେ ।

୭ - ମିଶନ ଶକ୍ତି ଗୋଷ୍ଠୀ ର ପଞ୍ଜୀକରଣ ଅଭିବ୍ୟକ୍ତି ପ୍ରକାଶନ ର ତାରିଖ ପୂର୍ବରୁ ଏକ ବର୍ଷ ହୋଇଥିବ ।

ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଦଶପଲ୍ଲା

ପରିପତ୍ର ସଂଖ୍ୟା : ୨୧୦୯ ତାରିଖ : ୪.୪.23

ଏହାର ଏକକିତା ନକଲ ତହସିଲଦାର , ଦଶପଲ୍ଲା/ ମଣ୍ଡଳ ଉନ୍ନୟନ ଅଧିକାରୀ , ଦଶପଲ୍ଲା/ ଶିଶୁ ବିକାଶ ଯୋଜନା ଅଧିକାରୀ , ଦଶପଲ୍ଲା ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ଏବଂ ଉକ୍ତ ବିଜ୍ଞାପନ ଟି ସମ୍ପୃକ୍ତ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଲଟକାଇବା ପାଇଁ ଅନୁରୋଧ କରାଗଲା ।

ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଦଶପଲ୍ଲା

ପରିପତ୍ର ସଂଖ୍ୟା : ୨110 ତାରିଖ : ୪.୪.23

ଏହାର ଏକକିତା ନକଲ ସମସ୍ତ ୱାର୍ଡ ଅଧିକାରୀ, ସିଏମଏମ/ଗୋଷ୍ଠୀ ସଙ୍ଗଠକ ଦଶପଲ୍ଲାଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ଏବଂ ଉକ୍ତ ବିଜ୍ଞାପନ ସମସ୍ତ ଗୋଷ୍ଠୀଙ୍କ ଅବଗତି ନିମନ୍ତେ ସ୍ୱତନ୍ତ୍ର ଧ୍ୟାନ ଦେବା ପାଇଁ CMM / CO ଙ୍କୁ ନିର୍ଦ୍ଦେଶ ପ୍ରଦାନ କରାଗଲା ।

ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଦଶପଲ୍ଲା

ପରିପତ୍ର ସଂଖ୍ୟା : ୨111 ତାରିଖ : ୫-୪.23

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ନୟାଗଡଙ୍କୁ ଜିଲ୍ଲା ୱେବସାଇଟ ରେ ଅପଲୋଡ କରିବା ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଦଶପଲ୍ଲା

ପରିପତ୍ର ସଂଖ୍ୟା : ୨112 ତାରିଖ : ୪.୪.23

ଏହାର ଏକକିତା ନକଲ ପ୍ରକଳ୍ପ ନିର୍ଦ୍ଦେଶକ , ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ନୟାଗଡଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଦଶପଲ୍ଲା

ପରିପତ୍ର ସଂଖ୍ୟା : 213 ତାରିଖ : ୮.୫.23

ଏହାର ଏକକିତା ନକଲ ଜିଲ୍ଲାପାଳ ନୟାଗଡଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଦଶପଲ୍ଲା

ପରିପତ୍ର ସଂଖ୍ୟା : 214 ତାରିଖ : ୮.୫.23

ଏହାର ଏକକିତା ନକଲ ଯୁଗ୍ମ ସମ୍ପାଦକ (ମୁଦ୍ରା), ମୁଦ୍ରା , ଗୃହ ଓ ନଗର ଉନ୍ନୟନ ବିଭାଗ ଭୁବନେଶ୍ୱର ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଦଶପଲ୍ଲା

## ମୁକ୍ତା ଯୋଜନାରେ ଆର୍ଥିକ ବର୍ଷ :୨୦୨୩-୨୪ ନିର୍ମାଣ କାର୍ଯ୍ୟ ନିମନ୍ତେ ଆବେଦନ ପତ୍ର

୦୧. ମିଶନ ଶକ୍ତି ଗୋଷ୍ଠୀ/ବସ୍ତି ବାସିନ୍ଦା ସଂଗଠନର ନାମ ______________________

ୱାର୍ଡ ନଂ: ______________ଜିଲ୍ଲା: ______________ପିନ୍: ______________

୦୨. ଗଠନ ବର୍ଷ: ______________________

୦୩. UWEI/MUKTA ଯୋଜନାରେ କରିଥିବା ଯେକୌଣସି କାର୍ଯ୍ୟ ______________________

୦୪. ବର୍ତ୍ତମାନର କାର୍ଯ୍ୟକଳାପ/MUKTA: ______________________

୦୫. ବ୍ୟାଙ୍କ ଆକାଉଣ୍ଟ୍ ସଞ୍ଚୟ ନମ୍ବର: ______________________

୦୬. ବ୍ୟାଙ୍କ ଏବଂ ଶାଖା ନାମ: ______________________

୦୭. ବ୍ୟାଙ୍କ ଆଇଏଫଏସସି (IFS) କୋଡ୍______________________

୦୮. ସେଭିଙ୍ଗ୍ ବ୍ୟାଙ୍କ ଆକାଉଣ୍ଟରେ ଉପଲବ୍ଧ ପାଣ୍ଠି: ଟଙ୍କାରେ ______________________

**<u>ନିମ୍ନଲିଖିତ କାର୍ଯ୍ୟକଳାପଗୁଡିକ କରୁଛନ୍ତି କି ନାହିଁ:</u>**

- ନିୟମିତ ସଞ୍ଚୟ (ହଁ / ନା)-
- ସଞ୍ଚୟର ପରିମାଣ ( ଟଙ୍କାରେ)-
- ଲୋନ ନିଆଯାଇଛି କି ନାହିଁ (ହଁ / ନା)-
- ମୋଟ ଲୋନର ପରିମାଣ (ଟଙ୍କାରେ) -
- ସମୁଦାୟ ଲୋନ ପରିଶୋଧର ପରିମାଣ (ଟଙ୍କାରେ)-
- ଲୋନ ପରିଶୋଧର ଧାରା (ନିୟମିତ / ଅନିୟମିତ)-
- ମିଟିଂ ରେଜିଷ୍ଟର ପରିଚାଳନା (ହଁ /ନା)-
- ନଗଦ ବୁକ୍ ରକ୍ଷଣାବେକ୍ଷଣ (ହଁ /ନା)-

୯. ସଭାପତି ଙ୍କ ନାମ ଓ ଯୋଗାଯୋଗ ନଂ- ______________________

୧୦. ସମ୍ପାଦିକା ଙ୍କ ନାମ ଓ ଯୋଗାଯୋଗ ନଂ- ______________________

ସଭାପତି /ସମ୍ପାଦିକାଙ୍କ ସ୍ୱାକ୍ଷର

ମିଶନଶକ୍ତି ଗୋଷ୍ଠୀ/ବସ୍ତି ବାସିନ୍ଦା ସଂଗଠନ

## ଆବେଦନ ପତ୍ର ସହ ଆବଶ୍ୟକ କାଗଜପତ୍ର ପ୍ରଦାନ କରିବେ

- ମିଶନ ଶକ୍ତି ଗୋଷ୍ଠୀ ଗଠନ ରେଜୋଲୁସନ ର ଫଟୋକପି ।
- ମୁଦ୍ରା କାର୍ଯ କରିବା ନିମନ୍ତେ ମିଶନ ଶକ୍ତି ଗୋଷ୍ଠୀ ଦ୍ୱାରା ପାସ୍ ହୋଇଥିବା ରିଜୋଲ୍ୟୁସନ୍ ର ଫଟୋକପି ।
- ମିଶନ ଶକ୍ତି ଗୋଷ୍ଠୀର ଶେଷ ମିଟିଂ ରିଜୋଲ୍ୟୁସନ୍ ର ଫଟୋକପି ।
- ମିଶନ ଶକ୍ତି ଗୋଷ୍ଠୀ ବ୍ୟାଙ୍କ ପାସବୁକର ଫଟୋକପି (ପ୍ରଥମ ଏବଂ ଶେଷ ପୃଷ୍ଠା)।
- ମିଶନ ଶକ୍ତି ଗୋଷ୍ଠୀ ଗ୍ରୁପ୍ ନାମରେ ଥିବା ନିଜସ୍ୱ ପାନ୍ କାର୍ଡ ଫଟୋକପି ।
- ମିଶନ ଶକ୍ତି ଗୋଷ୍ଠୀଙ୍କ ବିଗତ ୬ ମାସ ର ରିଜୋଲୁସନ ଫଟୋକପି ।
- ମିଶନ ଶକ୍ତି ଗୋଷ୍ଠୀଙ୍କ ବିଗତ ୬ ମାସ ର ବ୍ୟାଙ୍କ ଷ୍ଟେଟମେଣ୍ଟ ଫଟୋକପି ।
- ମିଶନ ଶକ୍ତି ଗୋଷ୍ଠୀଙ୍କ ବିଗତ ୬ ମାସ ର କ୍ୟାଶ୍ ବୁକର ଫଟୋକପି ।